# ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ।

## ଚଳିତ ବର୍ଷର ବାର୍ତ୍ତା 'ମ୍ୟାଲେରିଆ ରୋଗକୁ କମାଇବା ନିମନ୍ତେ ଅଭିନବ ଉପାୟରେ ପ୍ରସ୍ତୁତ ରହିବା ଓ ମାନବ ଜୀବନ ରକ୍ଷା କରିବା' ।

ମ୍ୟାଲେରିଆ ରୋଗକୁ ନିୟନ୍ତ୍ରଣ କରିବା ନିମନ୍ତେ ସାରା ପୃଥିବୀରେ ପ୍ରଚେଷ୍ଟା ଜାରି ରହିଛି । ଆଜିର ଦିବସରେ ଆନ୍ତର୍ଜାତିକ ସ୍ତରରେ ପାଳନ ନିମନ୍ତେ ସାରା ବିଶ୍ୱ ପ୍ରତ୍ୟେକ ବର୍ଷ ୨୫ ଏପ୍ରିଲରେ ଏହାକୁ ପାଳନ କରୁଛି । ପୃଥିବୀର ୧୦୬ଟି ଦେଶରେ ୩.୩ ବିଲିୟନ ଲୋକ ମ୍ୟାଲେରିଆର କରାଳ ଛାୟାତଳେ ଜୀବନ ବିତାଉଛନ୍ତି । ୨୦୧୨ ମସିହାରେ ୬୨୭ ହଜାର ଲୋକ ମ୍ୟାଲେରିଆରେ ମୃତ୍ୟୁ ମୁଖରେ ପଡିଥିଲେ । ବିଶେଷ କରି ଆଫ୍ରିକାର ପିଲାମାନେ ଓ ଏସିଆ ତଥା ଲାଟିନ ଆମେରିକା ଲୋକମାନେ ଏହି ମ୍ୟାଲେରିଆରେ ପ୍ରଭାବିତ ହେଉଛନ୍ତି । ଏହି ଅବସରରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି । ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭି ବି ଡି) ଡା. ପୂର୍ଣ୍ଣିମା ଉଦ୍‌ଗାତା ସଭାପତିତ୍ୱ କରି ମ୍ୟାଲେରିଆର ଲକ୍ଷଣ,ଚିକିତ୍ସା ଓ ଏହାର ପ୍ରତିକାର ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ସମସ୍ତଙ୍କ ପାଇଁ ଦିର୍ଘ ଓ ସୁସ୍ଥ ଜୀବନଯାପନ ପାଇଁ ଟୀକାକରଣ ସୁନିଶ୍ଚିତ କରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । 'ମ୍ୟାଲେରିଆ ରୋଗକୁ କମାଇବା ନିମନ୍ତେ ଅଭିନବ ଉପାୟରେ ପ୍ରସ୍ତୁତ ରହିବା ଓ ମାନବ ଜୀବନ ରକ୍ଷା କରିବା' ଚଳିତ ବର୍ଷର ବାର୍ତ୍ତା ସମ୍ପର୍କରେ ଡ.ବିନୋଦ କୁମାର ସାହୁ ଆଲୋଚନା କରିଥିଲେ । ଡି ଏଲ୍ ସି ଔଷଧ ଉପଚାରିତ ମଶାରୀ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ପାରାମେଡିକାଲ ଷ୍ଟାଫ୍,ନର୍ସିଂ ଷ୍ଟାଫ,ଆଶା ଓ ସ୍ୱାସ୍ଥ୍ୟ କର୍ମୀମାନେ ଯୋଗ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୨୭୮ ତା. ୨୫.୦୪.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ


ବିଶ୍ୱ
ମ୍ୟାଲେରିଆ
ଦିବସ
REDMI NOTE 6 PRO
MI DUAL CAMERA